## ଗ୍ରାମୀଣ କୃଷି ମୌସମ ସେବା
## ଭାରତ ପାଣିପାଗ ବିଭାଗ
## ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
## ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର,ଚିପିଲିମା

ସଂଖ୍ୟା – ୪୦ (ଓଡ଼ିଆ ବୁଲେଟିନ୍)          ସପ୍ତାହ – ୨୦          ତାରିଖ: ୧୯.୦୫.୨୦୨୬

# ଜିଲ୍ଲା – ବରଗଡ଼

### ପର୍ଯ୍ୟବେକ୍ଷଣ କେନ୍ଦ୍ରରେ ୧୩.୦୫.୨୦୨୬ ରୁ ୧୯.୦୫.୨୦୨୬ ମଧ୍ୟରେ ରେକର୍ଡ କରାଯାଇଥିବା ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଏବଂ ଜିଲ୍ଲାର ହାରାହାରି ବର୍ଷାପାତ

| | ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | | | | | | | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | | | | | | | ବୃଷ୍ଟିପାତ (ମିଲି ମିଟର) | | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|
| ତାରିଖ | ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ବରଗଡ଼ | 36 | 38 | 38 | 35 | 38 | 39 | 40 | 25 | 24 | 24 | 23 | 24 | 23 | 27 | 0 | 7 | 2 | 0 | 0 | 0 | 0 |

### ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୨୦-୦୫-୨୦୨୬ | ୨୧-୦୫-୨୦୨୬ | ୨୨-୦୫-୨୦୨୬ | ୨୩-୦୫-୨୦୨୬ | ୨୪-୦୫-୨୦୨୬ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 6 | 5 | 5 | 4 | 3 |
| ସର୍ବାଧିକ ତାପମାତ୍ରା (° ସେଣ୍ଟିଗ୍ରେଡ) | 40 | 40 | 40 | 39 | 40 |
| ସର୍ବନିମ୍ନ ତାପମାତ୍ରା (° ସେଣ୍ଟିଗ୍ରେଡ) | 24 | 25 | 25 | 24 | 24 |
| ମେଘ ଆବରଣ(ଓକଟା) | 3 | 3 | 2 | 3 | 3 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 48 | 47 | 44 | 51 | 44 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 14 | 11 | 12 | 11 | 9 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 11 | 11 | 2 | 2 | 4 |
| ପବନର ଦିଗ (ଡିଗ୍ରୀ) | 243 | 245 | 297 | 202 | 209 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

## ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧ୍ୟମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ସପ୍ତାହରେ ଅତି ହାଲୁକା ରୁ ହାଲୁକା ବର୍ଷା ହେବାର ସମ୍ଭାବନା ଦେଖାଯାଇପାରେ ଏବଂ ଏହି ସମୟ ଅବଧିରେ ଆକାଶ ଆଂଶିକ ମେଘାଚ୍ଛନ୍ନ କିମ୍ବା ଆଂଶିକ ସଫା ରହିପାରେ । ଆଗାମୀ ସପ୍ତାହରେ ଉଭୟ ସର୍ବାଧିକ ଓ ସର୍ବନିମ୍ନ ତାପମାତ୍ରାରେ ବିଶେଷ କିଛି ପରିବର୍ତ୍ତନ ଦେଖିବାକୁ ମିଳିବ ନାହିଁ । ଆସନ୍ତା ୫ ଦିନ ମଧ୍ୟରେ ଆର୍ଦ୍ରତା ମଧ୍ୟମ ରୁ ଅଧିକ ରହିବା ସହିତ ୨ ରୁ ୧୧ କି.ମି. ପ୍ରତି ଘଣ୍ଟା ବେଗରେ ଦକ୍ଷିଣ- ପଶ୍ଚିମ ଓ ଉତ୍ତର-ପଶ୍ଚିମ ଦିଗରୁ ପବନ ବହିବାର ସମ୍ଭାବନା ବନିପାରେ ।

## ସାଧାରଣ ଉପଦେଶ

- ଭାରତ ପାଣିପାଗ ବିଜ୍ଞାନ ବିଭାଗ ଦ୍ୱାରା ପ୍ରଦତ୍ତ ପୂର୍ବାନୁମାନ ଅନୁସାରେ (ମଡେଲ ତ୍ରୁଟି +୪ ଦିନ କିମ୍ବା -୪ ଦିନ ସହିତ ) ଚଳିତ ବର୍ଷ ମଇ ମାସ ୨୬ ତାରିଖ ଦିନ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ କେରଳରେ ପହଞ୍ଚିବାର ସମ୍ଭାବନା ରହିଅଛି ତେଣୁ ଚାଷୀ ଭାଇ ସେହି ଅନୁସାରେ ପ୍ରସ୍ତୁତ ରୁହନ୍ତୁ ।
- ସଠିକ ଓ ଠିକ୍ ସମୟରେ କୃଷି ସମ୍ବନ୍ଧିୟ ପାଣିପାଗ ସୂଚନା ପାଇଁ, ଚାଷୀଭାଇମାନେ ମୌସମ (ସାଧାରଣ ପୂର୍ବାନୁମାନ), ମେଘଦୂତ (କୃଷି/ପଶୁପାଳନ ପରାମର୍ଶ) ଏବଂ ଦାମିନୀ (ବଜ୍ରପାତ ସତର୍କତା) ଭଳି ଆପ୍ ବ୍ୟବହାର କରିବା ଉଚିତ ।
- ସାର ବ୍ୟବହାରକୁ ଉନ୍ନତ କରିବା, ଖର୍ଚ୍ଚ ହ୍ରାସ କରିବା ଏବଂ ଖରିଫ ଫସଲ ପାଇଁ ଅଧିକ ଅମଳ ସୁନିଶ୍ଚିତ କରିବା ପାଇଁ ଖରିଫ ଋତୁ ପୂର୍ବରୁ ମୃତ୍ତିକା ପରୀକ୍ଷା ଅତ୍ୟନ୍ତ ଜରୁରୀ ଅଟେ । ପରୀକ୍ଷଣ ପାଇଁ ଉପଯୁକ୍ତ ସମୟ ହେଉଛି ରବି ଫସଲ ପରେ ଏବଂ ବର୍ଷା ପୂର୍ବରୁ, କାରଣ ଏହା ମାଟିରେ ଆବଶ୍ୟକ ଉପାଦାନ ପ୍ରୟୋଗ କରିବାକୁ ସମୟ ଦେଇଥାଏ ।
- ଭାରତ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ଚଳିତ ସପ୍ତାହରେ ଦିନରେ ଉଷ୍ଣ ଲହରୀ ପରି ସ୍ଥିତି ଏବଂ ଅପରାହ୍ନ / ସନ୍ଧ୍ୟା ସମୟରେ ବର୍ଷା / ଘଡଘଡି / ବିଜୁଳି / ଝଡ଼ ପବନ ହେବାର ସମ୍ଭାବନା ଅଛି, ତେଣୁ ଚାଷୀଭାଇ ତଥା ସାଧାରଣ ଲୋକ ସେହି ଅନୁସାରେ ପ୍ରସ୍ତୁତ ରୁହନ୍ତୁ ।

## ସଂକ୍ଷିପ୍ତ ଉପଦେଶ

- ବର୍ତ୍ତମାନ ପାଗର ଯେଉଁ ପରିସ୍ଥିତି ରହିଅଛି ତାହା ଅନେକ ଫଳ, ପନିପରିବା ଏବଂ ଫୁଲ ଗଛରେ ଦହିଆ ପୋକର ଆକ୍ରମଣ ପାଇଁ ଅନୁକୂଳ ଅଟେ, ତେଣୁ ଏହି କୀଟ ବିରୁଦ୍ଧରେ ନିୟମିତ ତଦାରଖ କରିବାକୁ ପରାମର୍ଶ ଦିଆଯାଇଅଛି ।

## ପାଣିପାଗ ଭିତ୍ତିକ କୃଷିଏବଂ ପଶୁପାଳନ  ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ଡାଲୁଅ ଧାନ | ଦାନା ଭରିବା / ପରିପକ୍ୱ ଅବସ୍ଥା / ଅମଳ | • ଧାନ ଫସଲର ୫୦ ପ୍ରତିଶତ ଫୁଲ ବାହାରିବାର ୧୫ ରୁ ୨୦ ଦିନ ପରେ କିମ୍ବା ଦାନା କଠିନ ହେବା ଅବସ୍ଥାରେ ପହଞ୍ଚିବା ପରେ କ୍ଷେତରେ ଜଳସେଚନ ବନ୍ଦ କରିଦିଅନ୍ତୁ ।<br>• ଯଦି ଧାନ ଫସଲରେ ୮୦-୮୫ ପ୍ରତିଶତ ଦାନା ପରିପକ୍ୱ ହୋଇଯାଇଛି ତେବେ ଧାନ ଫସଲକୁ ଯଥାଶିଘ୍ର ଅମଳ କରିନିଅନ୍ତୁ କାରଣ ଆଗକୁ ଅଧିକ ପରିପକ୍ୱତା ଯୋଗୁଁ ଦାନା ଝଡିବାର କିମ୍ବା ପ୍ରକୃତିକ ଦୁର୍ବିପାକ ଯୋଗୁଁ ଫସଲ ନଷ୍ଟ ହେବାର ସମ୍ଭାବନା ଦେଖାଦେଇପାରେ ।<br>• ବିହନ ପାଇଁ ଧାନ ଶସ୍ୟର ଆର୍ଦ୍ରତା ପରିମାଣକୁ ୧-୨ ଦିନ ପାଇଁ ସୂର୍ଯ୍ୟ ତଳେ ବା ଖରାରେ ଶୁଖାଇ ସଂରକ୍ଷଣ କରିବା ପୂର୍ବରୁ ୧୨ ପ୍ରତିଶତକୁ ହ୍ରାସ କରାଯିବା ଉଚିତ । |
| ବର୍ଷା ଦିନିଆ (ଖରିଫ) ଧାନ | ଜମି ପ୍ରସ୍ତୁତି/ ବିହନ ଚୟନ | • ଚାଷୀଭାଇମାନେ ପାଣିର ଉପଲବ୍ଧତା ଅନୁସାରେ ମେ ମାସ ଶେଷ କିମ୍ବା ଜୁନ୍ ମାସର ପ୍ରଥମ ସପ୍ତାହ ସୁଦ୍ଧା ଧାନ ନର୍ସରୀ ପାଇଁ ଜମି ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରିଦେବା ଉଚିତ ।<br>• ଚାଷୀଭାଇମାନେ ଗବେଷଣା ପ୍ରତିଷ୍ଠାନ, ବିଶ୍ୱବିଦ୍ୟାଳୟ, କୃଷି ବିଜ୍ଞାନ କେନ୍ଦ୍ର, ବ୍ଲକ ଅଫିସ ଏବଂ ଅନ୍ୟାନ୍ୟ ପ୍ରତିଷ୍ଠିତ ଫାର୍ମ ଭଳି ଯେକୌଣସି ନିର୍ଭରଯୋଗ୍ୟ ଉତ୍ସରୁ ଭଲ ଗୁଣବତ୍ତାବିଶିଷ୍ଟ ବିହନର ବ୍ୟବସ୍ଥା କରନ୍ତୁ ।<br>• ଏହି ବର୍ଷ ମୌସୁମୀରେ ସ୍ୱାଭାବିକ ଅପେକ୍ଷା କମ ବର୍ଷା ହେବାର ସମ୍ଭାବନା ଅଛି, ତେଣୁ ଏହି ଅନୁସାରେ ଚାଷୀ ଭାଇ ମାନେ ସଅଳ-ମଧ୍ୟମ କିସମ ଧାନ, ଜମିରେ ଜଳ ସଂରକ୍ଷଣ ତଥା ଆବଶ୍ୟକ ଜଳସେଚନ, ପଟାସ, ବୋରାନ ସାର ଅଧିକ ପ୍ରୟୋଗ କୁ ଗୁରୁତ୍ୱ ଦେବା ଆବଶ୍ୟକ । |
| ଆମ୍ବ | ଫଳ ଓ ପରିପକ୍ୱ ଅବସ୍ଥା | • ପ୍ରଚଳିତ ପାଣିପାଗ ଯୋଗୁଁ ଆମ୍ବ ଗଛରେ ଫଳ ମାଛି ଆକ୍ରମଣର ସମ୍ଭାବନା ଦେଖାଦେଇପାରେ ତେଣୁ, ନିୟମିତ ଭାବରେ ବଗିଚାର ତଦାରଖ କରିବାକୁ ପରାମର୍ଶ ଦିଆଯାଇଅଛି । ଯଦି ସମ୍ଭବ ହୁଏ, ଏହି ପୋକକୁ ପରିଚାଳନା କରିବା ପାଇଁ ଫଳ ମାଛି ଫାଶ (fruit fly trap) ବ୍ୟବହାର କରନ୍ତୁ ।<br>• ଆମ୍ବ ପୁରା ପରିପକ୍ୱ ହେବା ପୂର୍ବରୁ ସବୁଜ ଥିବା ଅବସ୍ଥାରେ ଅମଳ କରାଯିବା ଉଚିତ (ଏହି ପର୍ଯ୍ୟାୟ ନିଶ୍ଚିତ କରେ ଯେ ଅମଳ ପରବର୍ତ୍ତୀ ପରିଚାଳନା ଏବଂ ପରିବହନ ସମୟରେ ଫଳ ଠିକ୍ ଭାବରେ ପାଚିବ), ଫଳ ସହିତ ସଂଲଗ୍ନ ୧୦ ରୁ ୨୦ ସେ.ମି. କାଣ୍ଡ ରଖନ୍ତୁ (ଏହା ସଂରକ୍ଷଣ ସମୟରେ ଫଳର ଗୁଣବତ୍ତା ଏବଂ ଦୃଶ୍ୟ ବଜାୟ ରଖିବାରେ ସାହାଯ୍ୟ କରେ) ଏବଂ ଆଗକୁ କ୍ଷତି ଏଡାଇବା ପାଇଁ ଫଳକୁ ସତର୍କତାର ସହିତ ତୋଳିବା ଉଚିତ । ଆଗାମୀ ଦିନରେ ଅଧିକ ଗତିରେ ପବନ ବହିବାର ସମ୍ଭାବନା ଥିବାରୁ ଫଳ ଝଡ଼ିପାରେ, ତେଣୁ ଫଳଗୁଡ଼ିକୁ ଶୀଘ୍ର ଅମଳ କରି ସୁରକ୍ଷିତ  ସ୍ଥାନରେ ରଖିବାର ବ୍ୟବସ୍ଥା କରନ୍ତୁ । |
| ପିଜୁଳି | ଫଳ ବାହାରିବା ଅବସ୍ଥା | • ଚାଷୀଭାଇମାନେ ଦହିଆ ପୋକର ଆକ୍ରମଣ ପ୍ରତି ସତର୍କ ରୁହନ୍ତୁ କାରଣ ପ୍ରଚଳିତ ପାଣିପାଗ ଏହି ପୋକର ଆକ୍ରମଣ ପାଇଁ ଅନୁକୁଳ ଅଟେ । ଯଦି ଆକ୍ରମଣ ଦେଖାଯାଏ, ତେବେ ସ୍ୱଚ୍ଛ ଏବଂ ଶାନ୍ତ ପାଗରେ ପ୍ରତି ଲିଟର ପାଣିରେ ଥାଇମିଥୋକ୍ସାମ୍ ୨୫% ଡବ୍ଲୁ.ଜି. @ ୦.୬ ଗ୍ରାମ୍ କିମ୍ବା ଲାମ୍ବଡା ସାଇହାଲୋଥ୍ରିନ୍ ୪.୯ ସି.ଏସ୍. @ ୧ ରୁ ୧.୨୫ ମିଲି ସିଞ୍ଚନ କରିବାକୁ ପରାମର୍ଶ ଦିଆଯାଉଛି । |
| କଖାରୁ ଜାତୀୟ ଫସଲ | ଫୁଲ ଓ ଫଳ ଅବସ୍ଥା | • ପୂର୍ବ ଦିନଗୁଡ଼ିକର ତାପମାତ୍ରା ସହିତ ସାମୟିକ ମେଘୁଆ ପରିସ୍ଥିତି ଯୋଗୁଁ, କାକୁଡି ବା କଖାରୁଜାତୀୟ ଫସଲରେ କୀଟପତଙ୍ଗ ଏବଂ ରୋଗ ଆକ୍ରମଣ ବିରୁଦ୍ଧରେ ନିୟମିତ ତଦାରଖ କରିବାକୁ ପରାମର୍ଶ ଦିଆଯାଇଅଛି ।<br>• ଯଦି ଆବଶ୍ୟକ ନ ପଡ଼େ, ତେବେ ଚାଷୀମାନେ ଜଳସେଚନ ଏବଂ ସିଞ୍ଚନ କାର୍ଯ୍ୟ ପାଇଁ କିଛି ଦିନ ଅପେକ୍ଷା କରିବା ଉଚିତ କାରଣ ଆଗାମୀ ଦିନରେ କିଛି ଅଞ୍ଚଳରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି ।<br>• ଆଗକୁ ଫସଲ ନଷ୍ଟ ହେବାରୁ ରକ୍ଷା କରିବା ପାଇଁ ଯଥାଶୀଘ୍ର ପରିପକ୍ୱ ଫସଲକୁ ଅମଳ କରି ସୁରକ୍ଷିତ ସ୍ଥାନରେ ରଖିନେବାକୁ ପରାମର୍ଶ ଦିଆଯାଇଅଛି । |
| ପଶୁ ପାଳନ | • ପ୍ରଚଳିତ ତାପମାତ୍ରାର ସ୍ଥିତିକୁ ବିଚାରକୁ ନେଇ, ଚାଷୀଭାଇମାନଙ୍କୁ ପରାମର୍ଶ ଦିଆଯାଇଛି ଯେ ସେମାନେ ଦିନ ୧୨ ଟା ରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ କାମ ପାଇଁ ପଶୁମାନଙ୍କୁ ବ୍ୟବହାର କରିବାରୁ ନିବୃତ୍ତ ରୁହନ୍ତୁ ଏବଂ ଖୋଲା ସ୍ଥାନରେ ସେମାନଙ୍କୁ ବାନ୍ଧିକି ନ ଛାଡ଼ନ୍ତୁ । ପଶୁମାନଙ୍କୁ | |

| | |
|---|---|
| | ନିୟମିତ ତାଜା ଥଣ୍ଡା ପାନୀୟ ଜଳ ଯୋଗେଇବାର ବ୍ୟବସ୍ଥା କରନ୍ତୁ । ଅତ୍ୟଧିକ ଗରମ ସମୟରେ, ପାଣି ସିଞ୍ଚନ କରନ୍ତୁ ଏବଂ ଗୋରୁମାନଙ୍କୁ ଥଣ୍ଡା କରିବା ପାଇଁ ଜଳାଶୟକୁ ନେଇଯାଆନ୍ତୁ ।<br>• ବଜ୍ରପାତ ସୂଚନା ଦିଆହୋଇଥିବା ଅବଧିରେ ପଶୁମାନଙ୍କୁ ଚରାଇବାକୁ ଛାଡନ୍ତୁ ନାହିଁ । |


| | |
|---|---|
| **Mrs. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR cum Nodal Officer**<br>**RRTTS, Chiplima** |


---

- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ୱୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ମୋବାଇଲ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ଓ ସ୍ଥାନ ନିର୍ଦ୍ଧିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ ମୌସମ ଆପର ବ୍ୟବହାର କରିପାରିବେ।